## ଯୁବକଙ୍କ ଆତ୍ମହତ୍ୟା

ପାଟଣା, (ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ଅଧୀନ ତୁରୁମୁଙ୍ଗା ପଞ୍ଚାୟତ ନିହୁଆଁ ଗାଁ ମୁଣ୍ଡରେ ଥିବା ଏକ ଶାଳ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଶନିବାର ସନ୍ଧ୍ୟାରେ ତୁରୁମୁଙ୍ଗା ପୋଲିସ ଜବତ କରିଛି। ମୃତକ ହେଲେ ଗ୍ରାମର ନିରଞ୍ଜନ ମୁଣ୍ଡା। ପାରିବାରିକ କଳହରୁ ନିରଞ୍ଜନ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବା ତଦନ୍ତରୁ ଜଣାପଡ଼ିଛି। ରାତି ହୋଇଯିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରି ନାହିଁ। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୧/୨୩) ରୁଜୁ କରାଯାଇଥିବା ଥାନାଧିକାରୀ ମଦନ ମୋହନ ନାଏକ କହିଛନ୍ତି।

# ଗାଁରୁ ସହର ସବୁଠି ମକର

- ଭୈରବ କୁଣ୍ଡ ଓ ଭୀମକୁଣ୍ଡରେ ପ୍ରବଳ ଜନ ସମାଗମ
- ଟୁସୁ ବାହାଘର ଦେଖିବାକୁ ଜମିଲା ଭିଡ଼

ବାରିପଦା ଅଫିସ/ଠାକୁରମୁଣ୍ଡା/ମୋରଡ଼ା/ସାରସକଣା/ରାଇରଙ୍ଗପୁର/ଗୋପବନ୍ଧୁ ନଗର,୧୪।୧(ଡି.ଏନ.ଏ.)

ମକର ପର୍ବ ଲାଗି ମୟୂରଭଞ୍ଜ ଜିଲା ଚଳଚଞ୍ଚଳ ହୋଇପଡ଼ିଛି। ଗାଁରୁ ସହର ସବୁଠି ମକରର ମାହୋଲରେ ଲୋକେ ମସଗୁଲ ହୋଇପଡ଼ିଛନ୍ତି। ଗ୍ରାମାଞ୍ଚଳରେ ଆନନ୍ଦ ଉତ୍ସବ ସହ ଆଦିବାସୀ ଯୁବତୀ ଯୁବକମାନେ ନାଚ ଗୀତରେ ଝୁମୁଥିବା ଦେଖିବାକୁ ମିଳିଥିଲା।

ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଥିବା ଭୀମକୁଣ୍ଡରେ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ଏହି ଅବସରରେ ଭୀମକୁଣ୍ଡ ମହୋତ୍ସବ ଆରମ୍ଭ ହୋଇଛି। ୩ ଦିନ ଧରି ଏହି ମହୋତ୍ସବ ଚାଲିବ। ଉଦ୍‌ଘାଟକ ଭାବେ କରଞ୍ଜିଆ ଉପଜିଲାପାଳ ପ୍ରେମାନଶୁ ଚାନ୍ଦ ଯୋଗ ଦେଇଥିଲେ। କରଞ୍ଜିଆ ଡିଏଫ୍‌ଓ ଶ୍ରୀକାନ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ମହିଳା ଶିଶୁ ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ମୁଖ୍ୟ ବକ୍ତା ଠାକୁରମୁଣ୍ଡା ମା' ବସୁଳି ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଅକ୍ଷୟ କୁମାର ପଲେଇ ଓ କାଦଡ଼ିହା କଲେଜ ଅଧ୍ୟକ୍ଷ ଭାଗବତ ଲେଙ୍କା,ସମ୍ମାନୀତ ଅତିଥି ଭାବେ ଠାକୁରମୁଣ୍ଡା ବିଡିଓ ଶ୍ୟାମସୁନ୍ଦର ଟୁଡୁ, ତହସିଲଦାର ସୁଶ୍ରୀ ସୁପ୍ରିୟା, ପୂର୍ବତନ ବିଧାୟକ ବିଜୟ କୁମାର ନାୟକ, ଉପଖଣ୍ଡ ପୋଲିସ ଅଧିକାରୀ ସୁଦର୍ଶନ ଗାଙ୍ଗଇ, ଠାକୁରମୁଣ୍ଡା ଆଇଆଇସି ରଞ୍ଜୁ ହସିନା କୁଲୁ ଯୋଗ ଦେଇଥିଲେ। ପରେ ଓଡ଼ିଶୀ ନୃତ୍ୟ ସହ ସ୍ଥାନୀୟ କଳାକାରଙ୍କ ପକ୍ଷରୁ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ସେହିପରି ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ନିକଟ ସାଳନ୍ଦୀ ନଦୀର ବାଲିଘାଟଠାରେ ଥିବା ଭୈରବ କୁଣ୍ଡରେ ପ୍ରବଳ ଜନ ସମାଗମ ହୋଇଥିଲା।

ମୋରଡ଼ା ବ୍ଲକର ଚିତ୍ରଡ଼ା ତଳସାହି, ଚିତ୍ରଡ଼ା ବଜାର, ଶୀର୍ଷାପାଳ, ମୋରଡ଼ା, ଝିଙ୍କିରିଆ, ବାରମାଇଲ, ଚିକିଟାମାଟିଆ, ଚଢ଼େଇଗାଁ ଏବଂ ଅନ୍ୟ ବହୁ ଗାଁରେ ମକର ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ତେବେ ସବୁଠି ଟୁସୁ ଦେବୀଙ୍କୁ ପୂଜା କରାଯାଉଥିବା ଦେଖିବାକୁ ମିଳିଥିଲା। ଚିତ୍ରଡ଼ା ମାର୍କେଟସାହିରେ ନିଆରା ଟୁସୁ ବାହାଘର ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା। ସେହିପରି ସାନ୍ତାଳୀ ଜାତିର ପରମ୍ପରା ଅନୁଯାୟୀ ଦାମୋଦର ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକର ଘୋଳମୁହଁା ଗ୍ରାମ ଦେଇ ଯାଇଥିବା ଜମ୍ବୀରା ନଦୀ(ରାଙ୍ଗାଦାଡାମ)ରେ ସାନ୍ତାଳୀ ସମ୍ପ୍ରଦାୟର ଲୋକେ ପୂର୍ବପୁରୁଷଙ୍କ ଅସ୍ଥି ବିସର୍ଜନ କରିଥିଲେ।

ସାରସକଣା ବ୍ଲକ ଅଧୀନ ଶୀର୍ଷାସ୍ଥିତ ମେରୁମଠଠାରେ ଟୁସୁ ମହୋତ୍ସବ ଆୟୋଜିତ ହୋଇଯାଇଛି। କୁଡୁମୀ ସମ୍ପ୍ରଦାୟର ଲୋକେ ଏହି ପର୍ବକୁ 'ଟୁସୁ ପରବ' ରୂପେ ପାଳନ କରିଥାନ୍ତି। ଭରତ ଚନ୍ଦ୍ର ମହାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ସମ୍ମାନୀତ ଅତିଥି ଅଶୋକ ପୁଷ୍ଟି, ମୁଖ୍ୟ ବକ୍ତା ଭାବେ ମାନସ କୁମାର ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ଗ୍ରାମର ଅନେକ ମହିଳା ଓ ଅବିବାହିତ ଝିଅମାନେ ପାରମ୍ପରିକ ଗୀତ ଗାଇ ୩୮ଟି ଟୁସୁ ଆଣି ପହଞ୍ଚିଥିଲେ। ଘଣ୍ଟିଆବୁଡ଼ା ଟୁସୁ ସଂଘ ଏହି ପ୍ରତିଯୋଗିତାରେ ବିଜୟ ଲାଭ କରିଥିଲା। ବିନୟ ଭୂଷଣ କାଟିଆର ମଞ୍ଚ ପରିଚାଳନା କରିଥିଲା ବେଳେ ଜ୍ୟୋତିପ୍ରକାଶ ମହାନ୍ତ, ଏକାଦଶୀ ମହାନ୍ତ, ଘାଷିରାମ ମହାନ୍ତ, ଦୈତାରୀ ମହାନ୍ତ, ବଳରାମ ମହାନ୍ତ, ରାଧାନାଥ ମହାନ୍ତ ସହଯୋଗ କରିଥିଲେ। ଶିଉଲାଲ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

ରାଇରଙ୍ଗପୁର ସହରାଞ୍ଚଳ ଜଗନ୍ନାଥ ମନ୍ଦିର ସମେତ ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଆଦିବାସୀ ମହିଳା,ଯୁବତୀ ଯୁବକ ବିଭିନ୍ନ ନଦୀ ଏବଂ ପୁଷ୍କରଣୀରେ ସକାଳେ ବୁଡ଼ ପକାଇ ନୂତନ ବସ୍ତ୍ର ପରିଧାନ କରିଥିଲେ।

ଗୋପବନ୍ଧୁ ନଗର ବ୍ଲକ ଅଧୀନ କୁଶଳଦା ପଞ୍ଚାୟତର ଖଡ଼ିଆବସା ଗ୍ରାମ ନିକଟସ୍ଥ କୁମ୍ଭୀରାହୁଡ଼ି ମକର ମେଳା ପାଇଁ ଚଳଚଞ୍ଚଳ ହୋଇଉଠିଛି। ମୁଖ୍ୟ ଅତିଥି ଭାବେ ଶୀଳଘାଟି ପଞ୍ଚାୟତର ସମିତି ସଭ୍ୟ ଅଭିମନ୍ୟୁ ପାତ୍ର, କୁଶଳଦା ପଞ୍ଚାୟତର ସମିତି ସଭ୍ୟ ରାମଚନ୍ଦ୍ର ସିଂ ପ୍ରମୁଖ ଯୋଗ ଦେଇଥିଲେ। ଏହି ମେଳା ୫୩ ବର୍ଷରେ ପଦାର୍ପଣ କରିଛି। ପ୍ରତି ଦିନ ସନ୍ଧ୍ୟାରେ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଆସନ୍ତା ୨୨ରେ ମେଳା ଉଦ୍‌ଯାପିତ ହେବ।



ସାରସକଣାରେ ଟୁସୁ ପ୍ରତିମାଙ୍କୁ ବିସର୍ଜନ କରାଯାଉଛି।

## ଆଖଣ୍ଡଳମଣିଙ୍କୁ ମକର ପୋଡ଼ପିଠା ସମର୍ପଣ



ମନ୍ଦିରରେ ବାବା ଆଖଣ୍ଡଳମଣିଙ୍କୁ ମକର ପୋଡ଼ପିଠା ସମର୍ପଣ କରାଯାଉଛି।

ଆରଡ଼ି, ୧୪।୧(ଡି.ଏନ୍.ଏ.)

ମକର ସଂକ୍ରାନ୍ତି ପାଇଁ ଶନିବାର ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ି ଉତ୍ସବମୁଖର ହୋଇଥିଲା। ଶନିବାର ସକାଳୁ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଭୋର ୪ଟା ୩୦ରେ ଆଖଣ୍ଡଳମଣି ମନ୍ଦିର ପହଡ଼ ଖୋଲାଯାଇ ମଙ୍ଗଳ ଆଳତି କରାଯାଇଥିଲା। ବାବା ଆଖଣ୍ଡଳମଣିଙ୍କ ସ୍ନାନକୃତ୍ୟ ସମ୍ପନ୍ନ ପରେ ଦିଗମ୍ବର ବେଶରେ ସଜ୍ଜିତ କରାଯାଇଥିଲା। ପରମ୍ପରା ଅନୁସାରେ ବାବାଙ୍କୁ ସମର୍ପଣ କରାଯାଇଥିଲା ମକର ପୋଡ଼ପିଠା। ପ୍ରଥମେ ପାଳିଆ ସେବାୟତ ଏହି ପୋଡ଼ପିଠା ପ୍ରସ୍ତୁତ କରି ବାବାଙ୍କୁ ଅର୍ପଣ କରିଥିଲେ। ପରେ ସମସ୍ତ ପାଳିଆ ସେବାୟତ ସେମାନଙ୍କ ପୋଡ଼ପିଠା ବାବାଙ୍କ ପାଖରେ ଭୋଗ ଲାଗି କରିଥିଲେ।

କରୋନା କଟକଣା ପାଇଁ ୨ ବର୍ଷ ହେଲା ଭକ୍ତମାନେ ଏହି ପୋଡ଼ପିଠା ଭୋଗ ସେବନ କରିପାରି ନ ଥିଲେ। ଚଳିତବର୍ଷ ଶ୍ରଦ୍ଧାଳୁମାନେ ପୀଠକୁ ଆସି ମଣିବାବାଙ୍କୁ ଦର୍ଶନ କରିବା ସହ ପୋଡ଼ପିଠା ଭୋଗ ସେବନ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ବାବା ଆଖଣ୍ଡଳମଣିଙ୍କୁ ସମର୍ପଣ କରାଯାଇଥିବା ପୋଡ଼ପିଠା ଭୋଗ ସେବନ କଲେ ନାନା ଦୁରାରୋଗ୍ୟରୁ ମୁକ୍ତି ମିଳେ ବୋଲି ବିଶ୍ୱାସ ରହିଛି। ପୀଠରେ ଥିବା ଜଗନ୍ନାଥ ମନ୍ଦିରରେ ମଧ ତିନି ଠାକୁରଙ୍କୁ ମକର ପୋଡ଼ପିଠା ସମର୍ପଣ କରାଯାଇଥିଲା। ସଂକ୍ରାନ୍ତି ଅବସରରେ ପୀଠରେ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହୋଇଛି। ଶ୍ରଦ୍ଧାଳୁମାନେ ଲମ୍ବା ଲାଇନରେ ଆସି ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରିଥିଲେ। ଭିଡ଼କୁ ଦୃଷ୍ଟିରେ ରଖି ଧୂଷୁରୀ ଥାନା ଓ ଆରଡ଼ି ଫାଣ୍ଡି ପକ୍ଷରୁ ପୋଲିସ ମୁତୟନ କରାଯାଇଥିଲା। ଶ୍ରଦ୍ଧାଳୁମାନେ ଯେପରି ସୁରୁଖୁରୁରେ ଦର୍ଶନ କରିପାରିବେ ସେଥିଲାଗି ମନ୍ଦିର କର୍ମଚାରୀ ସଜାଗ ଥିଲେ। ଭିଡ଼ ନିୟନ୍ତ୍ରଣ ପାଇଁ ଆରଡ଼ି ଫାଣ୍ଡି ଅଧିକାରୀ ସୁରେନ୍ଦ୍ର କୁମାର ମଲ୍ଲ ଦିନତମାମ ପୀଠରେ ଉପସ୍ଥିତ ରହିଥିଲେ।

## ବଉଳାଶୁଣୀ ପୀଠରେ ଭକ୍ତଙ୍କ ଭିଡ଼

ବନ୍ତ,୧୪।୧(ଡି.ଏନ୍.ଏ)

ମକର ମେଳା ଅବସରରେ ଭଦ୍ରକ ଜିଲା ବନ୍ତ ବ୍ଲକ ନିଳୋକସ୍ଥିତ ବଉଳାଶୁଣୀ ପୀଠରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଛି। ଶନିବାର ସଂକ୍ରାନ୍ତି ଥିବାରୁ ମହିଳା ଭକ୍ତମାନେ ପୀଠରେ ନିଜର ମାନସିକ ପୂରଣ ପାଇଁ ଘୋଡ଼ା ବସାଇବା ସହ ମା'ଙ୍କୁ ପୂଜାର୍ଚ୍ଚନା କରିଥିଲେ। ନିଳୋକ, ଶେଣ୍ଟତୀରା, ପଧାନପଡା ଆଦି ପଞ୍ଚାୟତରୁ ଶତାଧିକ ଭକ୍ତ ଏଠାକୁ ଆସିଥିଲେ। ୩ଦିନ ଧରି ଯଜ୍ଞ ଅନୁଷ୍ଠିତ ହେବ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ପ୍ରାୟ ୫୫ବର୍ଷ ପୂର୍ବେ ଏଠାରେ ମା'ଙ୍କର ଆବିର୍ଭାବ ହୋଇଥିଲା। ଗ୍ରାମର ଦୁଇଜଣ ବାଳକ ନିକଟସ୍ଥ ବିଦ୍ୟାଳୟକୁ ଯାଉଥିବା ବେଳେ କଣ୍ଟା ବୁଦା ଭିତରେ ମା'ଙ୍କୁ ଦେଖିବାକୁ ପାଇଥିଲେ। ସେମାନେ ଉକ୍ତ ସ୍ଥାନରେ ଥିବା ଏକ ତେନ୍ତୁଳି ଗଛ ମୂଳେ ମା'ଙ୍କୁ ରଖି ପୂଜା କରିଥିଲେ। ଗ୍ରାମର ଚକ୍ରଧର ପଣ୍ଡାଙ୍କୁ ମା' ସ୍ୱପ୍ନାକୃତ କରିବା ପରେ ସେହି ସ୍ଥାନରେ ରଖାଯାଇ ଯଥାରୀତି ପୂଜାର୍ଚ୍ଚନା କରାଯାଇଥିଲା। କ୍ରମେ ଗ୍ରାମବାସୀଙ୍କ ସହଯୋଗରେ ଉକ୍ତ ପୀଠରେ ମକର ମେଳା ଅନୁଷ୍ଠିତ ହୋଇଆସୁଛି।



ମା' ବଉଳାଶୁଣୀ।



ବୈତରଣୀ ନଦୀକୂଳରେ ଶ୍ରଦ୍ଧାଳୁମାନେ।

## ରାମତୀର୍ଥରେ ଶତାଧିକ ଶ୍ରଦ୍ଧାଳୁ

କେନ୍ଦୁଝର, ୧୪।୧ (ସ୍ୱ.ପ୍ର.)

ଓଡ଼ିଶା ଓ ଝାଡ଼ଖଣ୍ଡ ରାଜ୍ୟର ସୀମାନ୍ତ ଚମ୍ପୁଆ ଅଞ୍ଚଳର ରାମତୀର୍ଥଠାରେ ମକର ଅବସରରେ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ଶତାଧିକ ଶ୍ରଦ୍ଧାଳୁ ବୈତରଣୀରେ ବୁଡ଼ ପକାଇ ନଦୀର ଉଭୟ ପାର୍ଶ୍ୱରେ ଥିବା ମହାଦେବ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। କେତେଜଣ ଭକ୍ତ ନଦୀରେ ସ୍ନାନ କରି ଏବଂ ପହଁରି ଆରପାର୍ଶ୍ୱ ମନ୍ଦିରରେ ମଧ ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ପରିସରରେ ମେଳା ବସିଥିବା ବେଳେ ଆଖପାଖ ଅଞ୍ଚଳର ଲୋକେ ବୁଲି ଦେଖୁଛନ୍ତି।

ସେହିପରି ଘଟଗାଁ ବ୍ଲକ ବାରହାଟିପୁରାରେ ପାହାଡ଼ ଉପରେ ପୂଜା ପାଇ ଆସୁଥିବା ନୀଳକଣ୍ଠେଶ୍ୱର ମହାଦେବଙ୍କ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ଜମିଥିଲା। ଭକ୍ତମାନେ ଆସି ମହାଦେବଙ୍କଠାରେ ମକର ଚାଉଳ ପୂଜା କରିଥିଲେ। ଏଠାରେ ୧୦ଦିନରୁ ଊର୍ଦ୍ଧ୍ୱ ମକର ମେଳା ବସେ। ବିଭିନ୍ନ ଅଞ୍ଚଳରୁ ଭକ୍ତମାନେ ଆସି ପୂଜା କରିବା ସହ ମେଳା ବୁଲିଥାନ୍ତି। ମୀନାବଜାର ସାଙ୍ଗକୁ ମ୍ୟାଜିକ ଶୋ, ଅପେରା, ନୃତ୍ୟଗୀତ ଆଦି କାର୍ଯ୍ୟକ୍ରମ ରହିଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ହୋଇଛି।

## ପଞ୍ଚୁପାଲିରେ ବିଶ୍ୱଶାନ୍ତି ମହାଯଜ୍ଞ

### ୩୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

ବାଲିଆପାଳ, ୧୪।୧(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ପଞ୍ଚୁପାଲି ଗ୍ରାମରେ ମକରସଂକ୍ରାନ୍ତି ଉପଲକ୍ଷେ ବିଶ୍ୱଶାନ୍ତି ନିମନ୍ତେ ଓଡ଼ିଶା ପ୍ରାଇଡର ସଭାପତି ମାନସ ଦାସଙ୍କ ତତ୍ତ୍ୱାବଧାନରେ ଶନିବାର ୨୫୧କୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ଶେଷ ହୋଇଛି। ଉକ୍ତ ଯଜ୍ଞରେ ୩୦ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା। ୨ହଜାରରୁ ଊର୍ଦ୍ଧ୍ୱ ଯଜମାନ ଉପସ୍ଥିତ ହୋଇ ଯଜ୍ଞକୁଣ୍ଡରେ ଆହୂତି ପ୍ରଦାନ କରିଥିଲେ।

ଶନିବାର ବ୍ରହ୍ମମୁହୂର୍ତ୍ତରୁ ଯଜ୍ଞ କୁଣ୍ଡକୁ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ମୁରୁଜରେ ସାଜସଜ୍ଜା କରାଯାଇ ପ୍ରାତଃ ୪ଟାରେ ସ୍ୱାମୀଜୀମାନଙ୍କ ଦ୍ୱାରା ଯଜ୍ଞସ୍ଥଳୀକୁ ଗୋମୟ ଓ ଗଙ୍ଗା ଜଳରେ ପବିତ୍ର କରଯାଇଥିଲା। ପରେ ମହିଳାଙ୍କ ଦ୍ୱାରା ୧୦୧କଳସ ଶୋଭାଯାତ୍ରା ହୋଇଥିଲା। ଯଜ୍ଞସ୍ଥଳୀରେ ୩୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦସେବନ କରାଯିବା ବ୍ୟବସ୍ଥା କରଯାଇଥିଲା। ଓଡ଼ିଶା ପ୍ରାଇଡ ସଭାପତି ଦାସ ବସ୍ତା ବ୍ଲକର ବୃନ୍ଦାବନପୁର ଗ୍ରାମରେ ଅଳ୍ପଦିନ ପୂର୍ବରୁ ବିଶ୍ୱଶାନ୍ତି ନିମନ୍ତେ ୨୦୧କୁଣ୍ଡୀୟ ବିଶ୍ୱଶାନ୍ତି ଯଜ୍ଞ କରୁଥିବା କଥା ଆଚାର୍ଯ୍ୟ ସୁଦର୍ଶନ ଦେବ ମହାରାଜ ଯଜ୍ଞସ୍ଥଳରେ ଅବଗତ କରିବା ସହ ଘିଅରେ ଯଜ୍ଞ କରାଗଲେ ପରିବେଶ ସୁସ୍ଥ ରହିବ ବୋଲି ମଧ କହିଥିଲେ। ଏହି କାର୍ଯ୍ୟରେ ଆଚାର୍ଯ୍ୟ ସ୍ମୃତି ପ୍ରିୟ ମହାରାଜ, ବାନପ୍ରସ୍ଥି ପୁରୁଷୋତ୍ତମ ମୁନି ଯଜ୍ଞ କାର୍ଯ୍ୟ ନିମନ୍ତେ ଆଚାର୍ଯ୍ୟ ସୁଦର୍ଶନ ଦେବ ମହାରାଜଙ୍କୁ ସହଯୋଗ କରିଥିଲେ।



## କାଳିତ୍ରୀ ପୀଠରେ ମକର ମେଳା

ଭଦ୍ରକ ଅଫିସ,୧୪।୧

ଭଦ୍ରକ ଜିଲା ବାରିକପୁର ନିକଟସ୍ଥ କାଳିତ୍ରୀ ପୀଠରେ ଶନିବାର ମକର ମେଳା ଅନୁଷ୍ଠିତ ହୋଇଯାଇଛି। ସଂକ୍ରାନ୍ତି ଅବସରରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଶ୍ରଦ୍ଧାଳୁମାନେ ମାନସିକ ପୂଜା କରି ଭୋଗ ଲଗାଇଥିଲେ। ବିଭିନ୍ନ ପ୍ରକାର ଦୋକାନ ସାଙ୍ଗକୁ ମୀନାବଜାର ମେଳାରେ ପଡ଼ିଥିଲା। ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମା' କାଳିତ୍ରୀ ଟ୍ରଷ୍ଟବୋର୍ଡ ପକ୍ଷରୁ ପରିଚାଳନା କରାଯାଇଥିଲା। ପୂର୍ବରୁ ଏହି ପୀଠରେ ବାବାମଣି ବେହେରାଙ୍କ ତତ୍ତ୍ୱାବଧାନରେ ଯଜ୍ଞ ଆଦି କରାଯାଉଥିଲା। ବାବାମଣି ସପ୍ତଫେଣି କଣ୍ଟାରେ ଶୟନ କରୁଥିଲେ। ମା'ଙ୍କ ପ୍ରତି ନିଷ୍ଠା ଥିବାରୁ ତାଙ୍କ ଶରୀରରେ କୌଣସି କ୍ଷତି ହେଉ ନ ଥିଲା। ସେତେବେଳେ ଭକ୍ତମାନଙ୍କର ସମସ୍ତ ମନସ୍କାମନା ପୂର୍ଣ୍ଣ ହେଉଥିଲା। ବାବାମଣିଙ୍କ ମୃତ୍ୟୁ ପରେ ଟ୍ରଷ୍ଟ ବୋର୍ଡ ଗଠନ କରାଯାଇ ସମସ୍ତ କାର୍ଯ୍ୟ ପରିଚାଳନା କରାଯାଉଛି। ସରକାରଙ୍କ ଶୁଭ ଦୃଷ୍ଟି ପଡ଼ିଲେ ପୀଠର ଉନ୍ନତୀକରଣ ହୋଇପାରନ୍ତା ବୋଲି ଟ୍ରଷ୍ଟ ବୋର୍ଡ ପକ୍ଷରୁ କୁହାଯାଇଛି। ସରକାରୀ ଅନୁଦାନରେ ପୀଠର ଉନ୍ନତୀକରଣ କରାଯିବାକୁ ଚେଷ୍ଟା ଚାଲିଛି। ଆଗାମୀ ଦିନରେ ପୀଠର ଉନ୍ନତୀକରଣ ନିଶ୍ଚୟ ହେବ ବୋଲି ଭଦ୍ରକ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ମୁକୁନ୍ଦଦେବ ସାମଲ କହିଛନ୍ତି।



କାଳିତ୍ରୀ ପୀଠରେ ପୂଜା କରିବାକୁ ଆସିଥିବା ଶ୍ରଦ୍ଧାଳୁମାନେ।

## ଭୀମକୁଣ୍ଡରେ ୪୦ ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ

### ବୈତରଣୀରେ ବୁଡ଼ ପକାଇଲେ ଶ୍ରଦ୍ଧାଳୁ

ପାଟଣା,୧୪।୧ (ସ୍ୱ.ପ୍ର.)

ଗଣପର୍ବ ମକର ମେଳା ପାଇଁ କେନ୍ଦୁଝର ଜିଲାର ପାଟଣା ଓ ସାହାରପଡା ବ୍ଲକ ଉତ୍ସମୁଖର ହୋଇଉଠିଛି। ଏହା କୁଡୁମୀ ସମ୍ପ୍ରଦାୟର ଏକ ସ୍ୱତନ୍ତ୍ର ପର୍ବ। ଏହି ସମ୍ପ୍ରଦାୟର ଝିଅ ଓ ବୋହୂମାନେ ସକାଳୁ ଗାଧୋଇ ସାରି ଟୁସୁମୁନିଙ୍କୁ ପୂଜା କରିଥିଲେ। ଦଳ ଦଳ ହୋଇ ଟୁସୁ ଗୀତ ଗାଇ ନଦୀ, ନାଳ ଓ ପୋଖରୀରେ ଟୁସୁମୁନିଙ୍କୁ ବିସର୍ଜନ କରିଛନ୍ତି। ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ ଘାଟ ବାଲି ଯୋଡ଼ିସ୍ଥିତ ପ୍ରାଚୀନ ପର୍ଯ୍ୟଟନ ସ୍ଥଳୀ ଭୀମକୁଣ୍ଡରେ ଶନିବାର ୪୦ ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକଙ୍କ ସମାଗମ ହୋଇଛି। ହଜାର ହଜାର ଶ୍ରଦ୍ଧାଳୁ ବୈତରଣୀ ନଦୀରେର ବୁଡ଼ ପକାଇ ମକର ଚାଉଳ ଖାଇ ନଦୀ କୂଳରେ ଥିବା ତୀର୍ଥେଶ୍ୱର ମହାଦେବଙ୍କୁ ଦର୍ଶନ କରିଥିଲେ।



ଭୀମକୁଣ୍ଡ ୱାଚଟାୱାରରେ ପର୍ଯ୍ୟଟକଙ୍କ ଭିଡ଼ ଜମିଛି।

ଭୀମକୁଣ୍ଡ ଉନ୍ନୟନ ପରିଷଦ ପକ୍ଷରୁ ମକର ମେଳା-୨୦୨୩ ଆରମ୍ଭ ହୋଇଛି। ପର୍ଯ୍ୟଟକମାନେ ମିନାବଜାର ସହ ଭୀମକୁଣ୍ଡ ମନୋରମ ଜଳପ୍ରପାତ ଓ ଘଞ୍ଚ ଜଙ୍ଗଲରେ ବୁଲିବା ସହିତ ରଙ୍ଗାରଙ୍ଗ ନୃତ୍ୟ କାର୍ଯ୍ୟକ୍ରମରେ ଝୁମିଥିଲେ। ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ବିଧାୟକ ଜଗନ୍ନାଥ ନାଏକ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ନାଏକ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ରୁନୁ ମହାନ୍ତ, ଡୁମୁରିଆ ସରପଞ୍ଚ ଗୌରହରି ନାଏକ, ବିଡିଓ ଈଶ୍ୱର ଚନ୍ଦ୍ର ନାଏକ, ପାଟଣା ତହସିଲଦାର ତାପସ ରଞ୍ଜନ ଦେହୁରୀ, ଜିଲା ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାଏକ ଓ ମିରିଖୋଜି ସରପଞ୍ଚ ମନମୋହନ ବେହେରା ଯୋଗ ଦେଇଥିଲେ। ଏହି ପର୍ଯ୍ୟଟନ ସ୍ଥଳୀର ସର୍ବାଙ୍ଗୀନ ବିକାଶ ପାଇଁ ପଦକ୍ଷପ ନିଆଯିବ। ତେବେ ମକର ପର୍ବକୁ ଉପଭୋଗ କରିବାକୁ ବିଧାୟକ ନାଏକ କହିଥିଲେ। ପାର୍ଥ ସାରଥୀ ବେଜ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଚଳଚ୍ଚିତ୍ର ଅଭିନେତ୍ରୀ ଖୁସି ନାଏକ, ଡି ସ୍ୱର୍ଣ୍ଣମୟୀ, ବବିତା ମହାନ୍ତ, ସୁନିତା ଓ ଅଙ୍କିତା ଯୋଡ଼ି, ଝୁମୁର ନୃତ୍ୟ ଗ୍ରୁପ, ଭରସା ପରିବାର, ନୃତ୍ୟଗୁରୁ ସଞ୍ଜୟ କୁମାର ଦାସ ଓ ଭାସ୍କର ରଣାଙ୍କୁ କେନ୍ଦୁଝର କଳା ସଂସ୍କୃତି ବିକାଶରେ ଉଲ୍ଲେଖନୀୟ ଅବଦାନ ଓ ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ୩ ଦିନ ଧରି ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିପଦପୂର୍ଣ୍ଣ ସାନ କୁଣ୍ଡରେ ବ୍ୟାରିକେଡ୍ କରି ନାଲିପତାକା ପୋତାଯାଇଥିବା ବେଳେ ଘଟଗାଁ ପୋଲିସ ପକ୍ଷରୁ ଏସ୍‌ଡିପିଓ ସୁଶୀଲ ମିଶ୍ର, ଏଏସ୍‌ଆଇ ଶିବ ପ୍ରସାଦ ଆଇଚ, ତପନ କୁମାର ଜେନାଙ୍କ ସହ ଏକ ସେକ୍ସନ ପୋଲିସ, ପାଟଣା ଅଗ୍ନିଶମ ବିଭାଗ ପକ୍ଷରୁ ଷ୍ଟେଶନ ପରିଚାଳକ ମନୋରଞ୍ଜନ ମହାନ୍ତଙ୍କ ନେତୃତ୍ୱରେ ୬ଜଣ ଉଦ୍ଧାରକାରୀ ଦଳ ସାନକୁଣ୍ଡ ନିକଟରେ ମୁତୟନ ହୋଇଥିଲେ।

## ମୋବାଇଲ ଦୋକାନରୁ ଚୋରି

ବେତନଟୀ,(ଡି.ଏନ୍.ଏ.)- ବେତନଟୀ ଚଣ୍ଡୀ ଛକ ବଜାରରେ ଥିବା ଏକ ମୋବାଇଲ ଦୋକାନରୁ ଶୁକ୍ରବାର ରାତିରେ ୫ଲକ୍ଷ ଟଙ୍କା ମୂଲ୍ୟର ମୋବାଇଲ ଓ ନଗଦ ଟଙ୍କା ଚୋରି ହୋଇଛି। ଦୋକାନୀ ସୁରେଶ ପଣ୍ଡିତ ଶନିବାର ବେତନଟୀ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା(ନଂ.୧୮/୨୩) ରୁଜୁ କରିଛି। ଏସ୍‌ଡିପିଓ ସୁଦର୍ଶନ ଦାସ, ଆଇଆଇସି ସସ୍ମିତା ମହାନ୍ତ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଜାରି ରଖିଛନ୍ତି। ବିଭିନ୍ନ କମ୍ପାନୀର ୪୦ ମୋବାଇଲ ସହିତ ୩୫ ହଜାର ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦର୍ଶାଯାଇଛି।

### ସଂକ୍ଷେପରେ

## ସୁନାବେଶରେ ଦର୍ଶନ ଦେଲେ ମା' ତାରିଣୀ

କେନ୍ଦୁଝର, ୧୪।୧(ସ୍ୱ.ପ୍ର.)-ମକର ସଂକ୍ରାନ୍ତି ପାଇଁ ଶନିବାର କେନ୍ଦୁଝର ଜିଲା ଘଟଗାଁ ମା' ତାରିଣୀଙ୍କ ପୀଠରେ ଭକ୍ତଙ୍କ ଭିଡ଼ ହୋଇଥିଲା। ରାଜ୍ୟର ବିଭିନ୍ନ ଅଞ୍ଚଳରୁ



ଆସିଥିବା ଭକ୍ତମାନେ ସକାଳୁ ବିଭିନ୍ନ ଜଳାଶୟରେ ମକର ବୁଡ଼ ଦେଇ ମା'ଙ୍କ ଦର୍ଶନ କରିବା ସହ ମକର ଚାଉଳ ପୂଜାର୍ଚ୍ଚନା କରିଥିଲେ। ପାରମ୍ପରିକ ରୀତିନୀତିରେ ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ମା' ସୁନାବେଶରେ ପୂଜା ପାଇଥିଲେ। ସୁନାବେଶରେ ମା'ଙ୍କୁ ଦର୍ଶନ କରି ଭକ୍ତମାନେ ସାନିଧ ଲାଭ କରିଥିଲେ। ଭକ୍ତମାନେ ସୁବିଧାରେ ଦର୍ଶନ କରିବା ପାଇଁ ଟ୍ରଷ୍ଟ ବୋର୍ଡ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସେହିପରି ଶାନ୍ତିଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ ଓ ଭକ୍ତଙ୍କ ସୁରକ୍ଷା ପାଇଁ ପୋଲିସ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା।

## ୨୬ରୁ ଫିଆଟ-ଲକ୍ସ ମହୋତ୍ସବ

ନୀଳଗିରି, ୧୪।୧(ସ୍ୱ.ପ୍ର.)-ନୀଳଗିରିର ଅଗ୍ରଣୀ ସଙ୍ଗଠନ ଫିଆଟ-ଲକ୍ସ କ୍ଲବ ମହୋତ୍ସବ ମହାମାରୀ କରୋନା ପାଇଁ ଦୀର୍ଘ ୨ ବର୍ଷ ହେବ ବନ୍ଦ ରହିଥିଲା। ତେବେ ଚଳିତବର୍ଷ କରୋନା ନେଇ ସରକାରଙ୍କ କୌଣସି କଟକଣା ନ ଥିବାରୁ ଆସନ୍ତା ୨୬ତାରିଖରୁ ସ୍ଥାନୀୟ କେସି ହାଇସ୍କୁଲ ପଡ଼ିଆରେ ଏହି ମହୋତ୍ସବ ଆରମ୍ଭ ହୋଇ ୨୮ ତାରିଖରେ ଶେଷ ହେବ। ଏହି ୩୧ତମ ତିନିଦିନିଆ ମହୋତ୍ସବରେ ଚଳିତବର୍ଷ ଚଳଚ୍ଚିତ୍ର ନାୟିକା ଏଲିନା, କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ, ରାଜନନ୍ଦିନୀ ପଣ୍ଡା, ପରମେଶ୍ୱର ପତି, କମେଡ଼ିଆନ କାଳିଆ ଷଣ୍ଢ, ପ୍ରଲୁ, ନଟିଆ ଗ୍ରୁପ୍ ପ୍ରମୁଖ ଯୋଗଦେବେ ବୋଲି ଜଣାଯାଇଛି। ଏନେଇ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କିଭଳି ଅଧିକ ଉନ୍ନତଧରଣର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇପାରିବ ସେନେଇ କ୍ଲବ ସଦସ୍ୟମାନେ ତତ୍ପର ହୋଇପଡିଛନ୍ତି। ବୈଠକରେ ଫିଆଟ-ଲକ୍ସ କ୍ଲବ ସଭାପତି ଉଦୟ ଜ୍ୟୋତି ମାହାନ୍ତି, ସମ୍ପାଦକ ସବ୍ୟସାଚୀ ମହାପାତ୍ର, ଉପସଭାପତି ତାପସ ପରିଡା, ସହ-ସମ୍ପାଦକ ଅଭିଷେକ ବେହେରାଙ୍କ ସମେତ ସଦସ୍ୟ ସରତ ଦାସ, ଶିଶିର ରାଉତ, ସୁରଞ୍ଜନ ମହାପାତ୍ର, ଭାସ୍କର ବିଶ୍ୱାଳ, ମୁକ୍ତିକାନ୍ତ ମିଶ୍ର, ଧର୍ମେନ୍ଦ୍ର ମହାପାତ୍ର ଓ ବିଜୟ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

## ସେନା କର୍ମଚାରୀଙ୍କୁ ଗାର୍ଡ ଅଫ୍ ଅର୍ନର



ବାରିପଦା ଅଫିସ,୧୪।୧- ଦେଶ ସେବାରେ ନିୟୋଜିତ ଥିବା ଅବସ୍ଥାରେ ହୃଦ୍‌ଘାତରେ ମୃତ୍ୟୁବରଣ କରିଥିବା ସେନା କର୍ମଚାରୀ ଶଶାଙ୍କ ଶେଖର ନାଥଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ମୟୂରଭଞ୍ଜ ଜିଲା ବାରିପଦା ସହରର ୨୧ନଂ. ୱାର୍ଡବାସୀ ଶଶାଙ୍କ ଶେଖର ଭାରତୀୟ ସୀମା ସୁରକ୍ଷାବଳର ସବ୍ ଇନ୍ସପେକ୍ଟର ଭାବେ କାର୍ଯ୍ୟରତ ଥିଲେ। ଗତ ୧୧ତାରିଖରେ ଶ୍ରୀନଗର ରାଜୋରୀ ରେଞ୍ଜର ପୁଞ୍ଚଠାରେ ପ୍ଲାଟୁନ କମାଣ୍ଡର ଦାୟିତ୍ୱରେ ଥିବା ବେଳେ ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ତାଙ୍କ ପୁଅ ଦେବାଶିଷ ପ୍ରକାଶ କରିଛନ୍ତି। ଶନିବାର ସକାଳେ ମରଶରୀର ବାରିପଦାସ୍ଥିତ ବାସଭବନରେ ପହଞ୍ଚିଥିଲା। ସ୍ଥାନୀୟ ଦାରଗାଡ଼ିସ୍ଥିତ ଶ୍ମଶାନରେ ତାଙ୍କୁ ଗାର୍ଡ ଅଫ୍ ଅର୍ନର ପ୍ରଦାନ ପରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ୩୮ବର୍ଷ ସେବା ମଧ୍ୟରେ ସେ ବହୁ ସାମରିକ ଅପରେସନରେ ଭାଗ ନେଇଛନ୍ତି। ଭାରତୀୟ ସୀମା ସୁରକ୍ଷା ବଳର ଭିଜିଲାନ୍ସ ବିଭାଗରେ ମଧ୍ୟ ସେ କାର୍ଯ୍ୟ ତୁଲାଇଛନ୍ତି। ତେବେ ତାଙ୍କ ଆକସ୍ମିକ ମୃତ୍ୟୁରେ ପରିବାର ଲୋକେ ଭାଙ୍ଗି ପଡ଼ିଥିବା ବେଳେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଫକୀରମୋହନ ଓଡ଼ିଆ ଭାଷା, ଜାତିର ତ୍ରାଣକର୍ତ୍ତା : ବିଶ୍ୱଭୂଷଣ



ଅତିଥିଙ୍କ ଦ୍ୱାରା 'ସାହିତ୍ୟ ବାହିକା' ଉନ୍ମୋଚନ କରାଯାଉଛି।

ବାଲେଶ୍ୱର ଅଫିସ, ୧୪।୧

ବାଲେଶ୍ୱର କବିତୀର୍ଥ ଶାନ୍ତିକାନନଠାରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ୧୮୧ତମ ଜୟନ୍ତୀ ତଥା ଫକୀରମୋହନ ସାହିତ୍ୟ ପରିଷଦର ୭୬ତମ ପ୍ରତିଷ୍ଠା ଉତ୍ସବର ଦ୍ୱିତୀୟ ଦିବସ ଶନିବାର ପାଳିତ ହୋଇଛି। ପରିଷଦ ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପୌରୋହିତ୍ୟ କରିଥିଲେ। ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୋଟିଏ ଜାତିର ପରିଚୟ ହେଉଛି ତା'ର ଭାଷା। ଫକୀରମୋହନ ଯଦି ନ ଥାଆନ୍ତେ ତେବେ ଇଂରେଜମାନଙ୍କ ହୀନଚକ୍ରାନ୍ତରେ ଆମ ଓଡ଼ିଆ ଭାଷା ଲୋପ ପାଇବା ସହିତ ଓଡ଼ିଆ ଜାତି ନିଜର ପରିଚୟ ହରାଇ ବସିଥାନ୍ତା। ତେଣୁ ଫକୀରମୋହନ ହେଉଛନ୍ତି ଓଡ଼ିଆ ଭାଷା ଓ ଜାତିର ତ୍ରାଣକର୍ତ୍ତା ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟ ଏକାଡେମୀର ଓଡ଼ିଶା ଉପଦେଷ୍ଟା ବୋର୍ଡର ଆବାହକ ଡ. ବିଜୟାନନ୍ଦ ସିଂହ ଯୋଗଦେଇ ଫକୀରମୋହନଙ୍କୁ ସମଗ୍ର ଭାରତୀୟ ଭାଷା ସାହିତ୍ୟର ସେନାପତି ରୂପେ ଚିତ୍ରଣ କରିଥିଲେ। ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ଦୀପକ ବୋଷ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଫକୀରମୋହନ ସାହିତ୍ୟ ପରିଷଦ ମୁଖପତ୍ର 'ସାହିତ୍ୟ ବାହିକା' ଉନ୍ମୋଚିତ ହୋଇଥିଲା। ପରିଷଦ ସର୍ବୋଚ୍ଚ ପୁରସ୍କାର 'ଫକୀରମୋହନ ସାହିତ୍ୟଶ୍ରୀ'ରେ ଯଶସ୍ୱୀ ସାରସ୍ୱତ ସାଧକ ରାଜେନ୍ଦ୍ର କିଶୋର ପଣ୍ଡାଙ୍କୁ ପୁରସ୍କୃତ କରାଯିବା ସହିତ ପ୍ରତ୍ୟାଶା ଧଳଙ୍କୁ ହାଜି ଅସରଫ୍ ଅଲ୍ଲୀ ଉଦୟ ପ୍ରତିଭା ପୁରସ୍କାରରେ ପୁରସ୍କୃତ କରାଯାଇଥିଲା। ଏତଦ୍‌ବ୍ୟତୀତ ସାହିତ୍ୟର ବିଭିନ୍ନ ବିଭାଗରେ ଉଲ୍ଲେଖନୀୟ ଅବଦାନ ପାଇଁ ଡ. ବସନ୍ତ କୁମାର ପଣ୍ଡା, ଡ. ରବୀନ୍ଦ୍ର କୁମାର ବିହାରୀ, ମମତା ଦାଶ, ସତ୍ୟ ମିଶ୍ର, ଡ. ମୌସୁମୀ ପରିଡ଼ା, ମନ୍ମଥ ଶତପଥୀ, ବସନ୍ତ କୁମାର ଦାସ, ଅରୁଣ ହୋତା, ବ୍ୟଙ୍ଗବାରୁଦ ଶ୍ରୀଅବାଗିଆ, ଡ. ଲକ୍ଷ୍ମୀକାନ୍ତ

### ଜୟନ୍ତୀ ଉତ୍ସବରେ 'ସାହିତ୍ୟ ବାହିକା' ଉନ୍ମୋଚିତ

ଖୁଣ୍ଟିଆ, ପ୍ରୀତୀଶ ଆଚାର୍ଯ୍ୟ, ଲାବଣ୍ୟ ଶବର, ଚନ୍ଦ୍ରମୋହନ ମହାପାତ୍ର, ରମାକାନ୍ତ ଜେନା, ପ୍ରଦୀପ କୁମାର ମିଶ୍ର, ଡ. ସୁରେନ୍ଦ୍ର ପ୍ରସାଦ ମହାନ୍ତି ଓ ପ୍ରିୟବ୍ରତ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୀତିକାର ରମାକାନ୍ତ ଦାସ 'ପରିଷଦ ଗୌରବ' ସମ୍ମାନରେ ସମ୍ମାନିତ ହୋଇଥିଲେ। ଯୁଗ୍ମ ସମ୍ପାଦକ ଡ. ସାରଙ୍ଗଧର ତ୍ରିପାଠୀ ଶେଷକଥା ରଖିଥିଲେ। ଅପରାହ୍ନରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ ଏକ ଆଲୋଚନା ସଭା ସଭାମୁଖ୍ୟ ଭରତ ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। 'ଅକ୍ଷାଂଶ'ର ସମ୍ପାଦକ ଡ. ହରିଶ୍ଚନ୍ଦ୍ର ବେହେରା ମୁଖ୍ୟଅତିଥି, ଗବେଷକ ଡ. ଶିରୀଶ ଚନ୍ଦ୍ର ଜେନା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ବରେଣ୍ୟ ବକ୍ତା ଭାବେ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଓ ଗାଳ୍ପିକ ନିବାରଣ ଜେନା ଯୋଗ ଦେଇଥିଲେ। ରାଜେଶ ଗିରି ଶେଷକଥା ରଖିଥିଲେ। ଡ. ହରିଶ୍ଚନ୍ଦ୍ର ବେହେରାଙ୍କ ରଚିତ ଓ ହେମେନ୍ଦ୍ର ମହାପାତ୍ର ନିର୍ଦ୍ଦେଶିତ ନାଟକ 'ରେବତୀ' ପରିଷଦର ମହିଳା ସଦସ୍ୟାମାନଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା।

# 'ସାଧନା ବଳରେ ଲକ୍ଷ୍ୟସ୍ଥଳରେ ପହଞ୍ଚିହେବ'



ସମାରୋହରେ ମଞ୍ଚାସୀନ ପଦ୍ମଶ୍ରୀ ହଳଧର ନାଗ, ଏମ୍‌ପି ପ୍ରତାପ ଷଡ଼ଙ୍ଗୀଙ୍କ ସହ ଅତିଥିଗଣ।

ରୂପସା, ୧୪।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ଧାନହଣ୍ଡା ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ସମାରୋହ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ନିତ୍ୟାନନ୍ଦ ସାହୁ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ର ରାଷ୍ଟ୍ର ବିକାଶର କର୍ଣ୍ଣଧାର ବୋଲି କହିଥିଲେ। ପଦ୍ମଶ୍ରୀ ହଳଧର ନାଗ ଧ୍ୱଜା ଉତ୍ତୋଳନ କରିଥିଲେ। ବୌଦ୍ଧିକ ସମାବେଶରେ ଶିଶୁ ସାହିତ୍ୟିକ କାଳିକିଙ୍କର ଦାସ ପୌରୋହିତ୍ୟ କରିଥିଲେ। ରଜତ

### ରୌପ୍ୟ ଜୟନ୍ତୀ ସମାରୋହ ଉଦ୍‌ଘାଟିତ

ଜୟନ୍ତୀ ସମିତି ସଭାପତି ଅନନ୍ତ କୁମାର ଚାନ୍ଦ ପ୍ରାରମ୍ଭିକ ସୂଚନା ଦେଇଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନିର୍ମାଣ ଦିଗରେ ମା', ବାପା ଓ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମୁଖ୍ୟବକ୍ତା ପଦ୍ମଶ୍ରୀ ହଳଧର ନାଗ ଯୋଗଦେଇ ଏକାଗ୍ରତା ଓ ସାଧନା ବଳରେ ପିଲାମାନେ ଲକ୍ଷ୍ୟସ୍ଥଳରେ ପହଞ୍ଚି ସଫଳତା ପାଇଥାନ୍ତି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଅଶୋକ ମିଶ୍ର ଓ ସମିତି ସମ୍ପାଦକ ରାଜେଶ କୁମାର ବେହେରା ବକ୍ତବ୍ୟ ରଖିଥିଲେ। ପ୍ରଧାନ ଶିକ୍ଷକ ପଶୁପତି ବାରିକ ସ୍ୱାଗତ ଭାଷଣ ଦେଇଥିଲେ। ପରିଚାଳନା ସମିତି ସଭାପତି ଦେବେନ୍ଦ୍ର କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ପୁରାତନ ଛାତ୍ର ସଂସଦ କର୍ମକର୍ତ୍ତା ଉତ୍ସବ ପରିଚାଳନା କରିଥିଲେ।

## ଶିକ୍ଷା ସହ କ୍ରୀଡ଼ା ଜରୁରୀ

ପଦ୍ମପୁର,୧୪।୧(ଡି.ଏନ୍.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କରଞ୍ଜଆଡ଼ିଆସ୍ଥିତ ନବଘନ ସ୍ନାତକ ମହାବିଦ୍ୟାଳୟର ବାର୍ଷିକୋତ୍ସବ ଓ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ମୁଖ୍ୟବକ୍ତା ଅଧ୍ୟାପକ ବିଶ୍ୱରଞ୍ଜନ ଦାସ, ଅନ୍ୟତମ ଅତିଥି ଭାବେ ଉପଜିଲାପାଳ ମନୋଜ କୁମାର ପାତ୍ର ଓ ମହାବିଦ୍ୟାଳୟର ପ୍ରତିଷ୍ଠାତା ନବଘନ ସାହୁ ଯୋଗ ଦେଇଥିଲେ। ଶିକ୍ଷା ସହ ଶାରୀରିକ ଓ ମାନସିକ ବିକାଶ ପାଇଁ କ୍ରୀଡ଼ା ଅପରିହାର୍ଯ୍ୟ ବୋଲି ବକ୍ତାମାନେ କହିଥିଲେ। ଅଧ୍ୟକ୍ଷା ବିଜୟାରାଣୀ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି ଅବସରରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ସାହୁ, ପୂର୍ବତନ ଅଧ୍ୟକ୍ଷ ଅଶ୍ୱିନୀ ସାହୁ, ଭାଗୀରଥି ପଲେଇ ଓ ସାମାଜିକ କର୍ମୀ ଶ୍ୟାମସୁନ୍ଦର ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଚିନ୍ମୟ ବାରିକ, ବିଧାୟକ ପ୍ରତିନିଧି ଅସିତ ଦାସ, ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସ, ନଗର ସଭାପତି ମାନସ ରଞ୍ଜନ ସାହୁ, ଛାତ୍ର ସଭାପତି କାଳନ୍ଦୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ପିଇଓଙ୍କୁ ଆରଟିଆଇ ଛାଟ

# ଅଧିକ ଫି' ଦାବି ନେଇ ଜରିମାନା

କେନ୍ଦୁଝର,୧୪।୧(ସ୍ୱ.ପ୍ର.)

କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ନେଲୁଙ୍ଗ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ତଥା ଜନ ସୂଚନା ଅଧିକାରୀଙ୍କୁ ଓଡ଼ିଶା ସୂଚନା କମିଶନ ୫ ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ସେ ସୂଚନା ପ୍ରଦାନ ନେଇ ସୂଚନା ଅଧିକାର କର୍ମୀଙ୍କୁ ଅଧିକ ଫି ଅର୍ଥ ଦାବି କରିଥିଲେ। କମିଶନ ଦ୍ୱିତୀୟ ଅପିଲ ନମ୍ବର ୩୧/୨୦୨୨ର ଶୁଣାଣି କରି ଏଭଳି ଆଦେଶ କରି ଚିଠିନଂ. ୭୬୧/୫-୧-୨୦୨୨ରେ ଆବେଦନକାରୀ ପ୍ରସନ୍ନ ଦାସଙ୍କୁ ଚିଠି କରି ଜଣାଇଛନ୍ତି। ଏହାର କପି ପିଇଓ ଭାଗବତ ସାହୁ ଓ ସଦର ବିଡିଓଙ୍କୁ ଦିଆଯାଇଛି। ଅର୍ଥ ଏକ ମାସ ମଧ୍ୟରେ ଟ୍ରେଜେରୀ ଚାଲାଣ ଜରିଆରେ ଜମା ଦେବାକୁ ଆଦେଶ ହୋଇଛି। ନଚେତ ଦୁଇଟି କିସ୍ତିରେ ଫେବୃୟାରୀ ଓ ମାର୍ଚ୍ଚ ଦରମା ବା ପେନସନରୁ କାଟି ଜମା କରିବାକୁ ବିଡିଓଙ୍କୁ ଆଦେଶ ହୋଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ନେଲୁଙ୍ଗ ପଞ୍ଚାୟତର କେତେକ ଅନିୟମିତତା ସମ୍ପର୍କୀତ ସୂଚନା ପାଇଁ ପ୍ରସନ୍ନ ଦାସ ପଞ୍ଚାୟତ ଅଫିସକୁ ସୂଚନା ମାଗିଥିଲେ। ସୂଚନା ନ ମିଳିବାରୁ ସେ ବ୍ଲକ୍ ଅଫିସରେ ଅପିଲ କରିଥିଲେ। ପରେ ତାଙ୍କୁ ପ୍ରତି କପି ସରକାରଙ୍କ ନିର୍ଦ୍ଧାରିତ ୨ ଟଙ୍କା ବଦଳରେ ୫ ଟଙ୍କା ଦାଖଲ କରିବାକୁ ଚିଠି କରାଯାଇଥିଲା। ଯାହାର ପ୍ରତିବାଦ କରି କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ ବୋଲି ଦାସ କହିଛନ୍ତି। କମିଶନ ଏହାର ଶୁଣାଣି କରି ୧୧ ନଭେମ୍ବର ୨୦୨୨ରେ ଏଭଳି ଆଦେଶ କରିଥିବା ବେଳେ ତାଙ୍କ ନିକଟରେ ଏବେ ପହଞ୍ଚିଲା ବୋଲି ସେ କହିଛନ୍ତି। ଏନେଇ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଭାଗବତ ସାହୁ କହିଛନ୍ତି, ସେ ଏପର୍ଯ୍ୟନ୍ତ ଆଦେଶନାମା ପାଇ ନାହାନ୍ତି। ଚିଠି ଦେଖିବା ପରେ କହି ପାରିବେ ଏବଂ ଆଦେଶ ପାଳନ କରିବେ ବୋଲି କହିଥିଲେ।

# ଗଙ୍ଗାସାଗରରେ ୩୯ଲକ୍ଷ ପୁଣ୍ୟାର୍ଥୀଙ୍କ ମକର ବୁଡ଼

ଭୋଗରାଇ, ୧୪।୧(ଡି.ଏନ.ଏ.)

ପଶ୍ଚିମବଙ୍ଗ ଦକ୍ଷିଣ ୨୪ ପ୍ରଗଣା ଜିଲା ସାଗରଦ୍ୱୀପ ଗଙ୍ଗା ଓ ସାଗର ସଙ୍ଗମସ୍ଥଳରେ ଶନିବାର ୩ଟା ସୁଦ୍ଧା ୩୯ଲକ୍ଷ ପୁଣ୍ୟାର୍ଥୀ ମକର ବୁଡ଼ ଦେଇଛନ୍ତି। ଚଳିତବର୍ଷ କୁମ୍ଭମେଳା ନ ଥିବାରୁ ଦେଶବିଦେଶରୁ ଅସଂଖ୍ୟ ତୀର୍ଥଯାତ୍ରୀ ଗଙ୍ଗାସାଗରକୁ ମକରବୁଡ଼ ଦେବା ଉଦ୍ଦେଶ୍ୟରେ ଆସିଛନ୍ତି। କଡ଼ା ସୁରକ୍ଷା ଓ ନିରାପତ୍ତା ମଧ୍ୟରେ ଶାନ୍ତିଶୃଙ୍ଖଳାର ସହ ସମୁଦ୍ର ସ୍ନାନ ହେଉଛି। ଗଙ୍ଗାସାଗରରେ ୧ନଂ.ରୁ ୬ନଂ. ସମୁଦ୍ରଘାଟ ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ସମୁଦ୍ରରେ ମକରବୁଡ଼ ଦେଇ ଗଙ୍ଗା ମା'କୁ ଜୟ, କପିଳମୁନି କି ଜୟ ଧ୍ୱନୀ ଦେଇ ମହାତପସ୍ୱୀ କପିଳମୁନି ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି। ପୁରୀ ଗୋବର୍ଦ୍ଧନପୀଠର ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ସନ୍ଧ୍ୟାରେ



ଗଙ୍ଗାସାଗରରେ ଲକ୍ଷାଧିକ ପୁଣ୍ୟାର୍ଥୀଙ୍କ ମକର ବୁଡ଼।

ଗଙ୍ଗାସାଗରରେ ନଦୀ ଓ ସମୁଦ୍ର ପ୍ରଦୂଷଣମୁକ୍ତ ନିମନ୍ତେ ମହାଆଳତୀ କରି ପ୍ରଭୁ ଜଗନ୍ନାଥଙ୍କଠାରେ ପୃଥିବୀରେ ଶାନ୍ତି ବିରାଜମାନ ହେଉ ବୋଲି ଆରାଧନା କରିଛନ୍ତି। ୪କି.ମି. ସମୁଦ୍ର ବେଳାଭୂମି ଜନସମୁଦ୍ରରେ ପରିଣତ ହୋଇଥିବା ବେଳେ ପ୍ରସିଦ୍ଧ କପିଳମୁନି ମନ୍ଦିର ପୂର୍ବ ଓ ଉତ୍ତର ପାର୍ଶ୍ୱରେ ଥିବା ଉଲଗ୍ନ ନାଗା ସନ୍ନ୍ୟାସୀ ବିଭିନ୍ନ ଢ଼ଙ୍ଗରେ ଶ୍ରଦ୍ଧାଳୁଙ୍କ ଆଶୀର୍ବାଦ କରିଥିଲେ। ଇ-ସ୍ନାନ-ଇ-

- ଓଡ଼ିଆ ଯାତ୍ରୀଙ୍କ ସମେତ ୩ ମୃତ
- ସମୁଦ୍ରରେ ମହାଆଳତି କଲେ ପୁରୀ ଶଙ୍କରାଚାର୍ଯ୍ୟ

ଦର୍ଶନ ଓ ଇ-ପ୍ରସାଦ ପାଇଁ ଶ୍ରଦ୍ଧାଳୁମାନେ ଘରେ ବସି ସୁବିଧା ସୁଯୋଗ ପାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ୬ଜଣ ପଶ୍ଚିମବଙ୍ଗ ସରକାରଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀ ଗଙ୍ଗାସାଗର ମେଳା ଦାୟିତ୍ୱରେ ଥିବା ବେଳେ ଅଦ୍ୟାବଧି ଓଡ଼ିଶାର ମୟୂରଭଞ୍ଜ ଝିଙ୍କିରିଆ ଅଞ୍ଚଳର ପ୍ରତାପ ଚନ୍ଦ୍ର ଗିରି (୭୨) ଓ ଅନ୍ୟ ଦୁଇଜଣ ବିହାର ଓ ମହାରାଷ୍ଟ୍ରର ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ଖବରଦାତା ସମ୍ମିଳନୀରେ ଜିଲା ପ୍ରଶାସକ ସୁମିତ ଗୁପ୍ତା ସୂଚନା ଦେଇଛନ୍ତି। ଅପରପକ୍ଷରେ ବାଲେଶ୍ୱର ଜିଲା ଉଦୟପୁର, ତାଳସାରୀ, କୀର୍ତ୍ତନିଆ ସମେତ ସମୁଦ୍ର ଓ ନଦୀକୂଳରେ ଲକ୍ଷାଧିକ ଶ୍ରଦ୍ଧାଳୁ ମକର ବୁଡ଼ ଦେଇଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com



@ସରୋଜ



@ଚିକି



@ଦୀପୁ



@ସୁଧାଂଶୁ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ୪ ଜଣଙ୍କ ଘରୁ ଚୋରି

ପାଟଣା,୧୪।୧(ସ୍ୱ.ପ୍ର.)

ମକର ଯାତ୍ରା ପାଇଁ କେନ୍ଦୁଝର ଜିଲା ପାଟଣା ଥାନା ଅଞ୍ଚଳ ଉତ୍ସବ ମୁଖର ହୋଇ ପଡ଼ିଥିବା ବେଳେ ଲୋକଙ୍କ ବ୍ୟସ୍ତତାର ସୁଯୋଗ ଲୁଟେରାମାନେ ୪ ପୃଥକ ସ୍ଥାନରେ ଶନିବାର ଲୁଟ୍ କରିବାରେ ସଫଳ ହୋଇଛନ୍ତି। ଶନିବାର ଦି ପ୍ରହରରେ ଧାନବେଣୀ ଗ୍ରାମରେ ଘରେ କେହି ନ ଥିବା ସୁଯୋଗ ନେଇ ଲୁଟେରାମାନେ କରୁଣାକର ମହାନ୍ତଙ୍କ ଘରେ କଳା କନା ବୁଲାଇଛନ୍ତି। ଘରର ଚାବି ଭାଙ୍ଗି ନଗଦ ୩ ହଜାର ଟଙ୍କା ସହ ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟି ନେଇଛନ୍ତି। ସେହିପରି କୁଆପଶି ଗ୍ରାମର ଲଛୁମନ ମହାନ୍ତ, ମଙ୍ଗଳପୁର ଗ୍ରାମର ପୀତାମ୍ବର ବାରିକ ଓ ବିଶ୍ୱନାଥ ମହାନ୍ତଙ୍କ ଘରୁ ଟଙ୍କା, ସୁନା ଚୋରି ହୋଇଥିବା ଅଭିଯୋଗ ହୋଇଛି। ପାଟଣା ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ ଏବଂ ଏଏସ୍‌ଆଇ ମନୋରମା ସ୍ୱାଇଁ ତଦନ୍ତ ଜାରି ରଖିଛନ୍ତି।

# ମକର ମେଳା ବୁଲିଲେ, କାଞ୍ଜିପାଣି ପିଇଲେ



ମକର ମେଳାରେ ଶ୍ରଦ୍ଧାଳୁଙ୍କୁ କାଞ୍ଜିପାଣି ପ୍ରଦାନ କରାଯାଉଛି।

ଧାମନଗର, ୧୪।୧ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକ ଖଡ଼ିପଦା ପଞ୍ଚାୟତରେ ଥିବା କାଞ୍ଜିଆପାଳ ଗ୍ରାମର କାଞ୍ଜିଆପାଳ ମଠ ମକର ସଂକ୍ରାନ୍ତି ପାଇଁ ଶନିବାର ଉତ୍ସବମୁଖର ହୋଇଥିଲା। ବହୁ ଦୂରଦୂରାନ୍ତରୁ ହଜାର ହଜାର ଲୋକ ମକର ମେଳା ବୁଲି ଆସି କାଞ୍ଜିପାଣି ପିଇବା ସହ ମକର ପୋଡ଼ପିଠା ଖାଇ ଫେରିଥିଲେ। ମଠ ସମ୍ମୁଖରେ ଜଗନ୍ନାଥ ମନ୍ଦିର। ମନ୍ଦିର ବେଢ଼ାରେ ସାଧୁ ନାରାୟଣ ଦେବ ପରମହଂସଙ୍କ ପ୍ରତିମୂର୍ତ୍ତି ପୂଜା ପାଉଛି। ଏହି ମଠର ବିଶେଷତ୍ୱ ହେଉଛି 'କାଞ୍ଜିପାଣି'। କାଞ୍ଜିପାଣି ସେବନ କରିବା ଯୋଗୁ ବହୁ ଅସାଧ ପେଟ ରୋଗରୁ ମୁକ୍ତି ମିଳେ ବୋଲି ଲୋକଙ୍କ ବିଶ୍ୱାସ ରହିଛି। କାଞ୍ଜିପାଣି ସମ୍ପର୍କରେ ମଠର ମହନ୍ତ ବାବା ଗୋବିନ୍ଦ ଦାସ କୁହନ୍ତି, ପ୍ରାୟ ୪ଶହ ବର୍ଷ ତଳେ ଘଞ୍ଚ ଜଙ୍ଗଲ ପରିବେଷ୍ଟିତ କାଞ୍ଜିଆପାଳ ଅଞ୍ଚଳରେ ଜଣେ ସାଧୁ ଅରକ୍ଷିତ ଦାସଙ୍କ ଶିଷ୍ୟ ନାରାୟଣ ଦେବ ପରମହଂସ ଦେବ ତପସ୍ୟା କରୁଥିଲେ। ଜଙ୍ଗଲଠାରୁ ଅଳ୍ପ ଦୂରରେ ଛୋଟ ଜନବସତି ଥିଲା। ସେହି ଗ୍ରାମର ଗାଈ ଜଗୁଆଳମାନେ ସବୁଦିନ ଏହି ଜଙ୍ଗଲକୁ ଗାଈ ଚରାଇବାକୁ ଆସିଥାନ୍ତି। ସାଧୁଙ୍କ ପାଖକୁ ଆସି କିଛି ବୋଲ ହାକ କରିବା ସହ ପ୍ରସାଦ ଖାଇ ଘରକୁ ଫେରିଥାନ୍ତି।

### ଉତ୍ସବମୁଖର କାଞ୍ଜିଆପାଳ ମଠ

ସାଧୁ ଜଣକ ଖାଇସାରିବା ପରେ ବଳକା ଖାଦ୍ୟକୁ ଗୋଟିଏ ମାଟିହାଣ୍ଡିରେ ରଖି ପଖାଳି ଦିଅନ୍ତି। ଦିନେ ଜଣେ ପେଟ ରୋଗୀ ଭୋକରେ ଡହଳ ବିକଳ ହୋଇ ସାଧୁଙ୍କ ନିକଟରେ ଆସି ପହଞ୍ଚିଲେ। ସେଦିନ ସାଧୁଙ୍କ ପାଖରେ କିଛି ଅବଶିଷ୍ଟ ଖାଦ୍ୟ ନ ଥିବାରୁ ପଖାଳୁଥିବା ହାଣ୍ଡିରୁ କିଛି ପାଣି ଆଣି ତାଙ୍କୁ ପିଇବା ପାଇଁ ଦେଇଥିଲେ। ପରେ ପରେ ଉକ୍ତ ବ୍ୟକ୍ତି ପେଟ ରୋଗରୁ ମୁକ୍ତି ପାଇଥିଲେ। ସେହିଦିନଠାରୁ କ୍ରମଶଃ ପ୍ରଚାରିତ ହୋଇଗଲା କାଞ୍ଜିଆପାଳ ମଠର କାଞ୍ଜିପାଣିର ମହାତ୍ମ୍ୟ। ସେବେଠାରୁ ଶତାଧିକ ପେଟ ରୋଗୀ ବହୁ ଦୂରଦୂରାନ୍ତରୁ ଏଠାକୁ ଆସି କାଞ୍ଜିପାଣି ପିଇ ରୋଗରୁ ମୁକ୍ତି ପାଇଥିବା ଲୋକଙ୍କଠାରୁ ଶୁଣିବାକୁ ମିଳେ। କାଞ୍ଜିପାଣିର ମହାତ୍ମ୍ୟ ପାଇଁ ଏହି ଗ୍ରାମର ନାମ କାଞ୍ଜିଆପାଳ ହୋଇଥିବା ଶୁଣାଯାଏ। ଏହି ମଠର ମୁଖ୍ୟ ପର୍ବ ମକର ସଂକ୍ରାନ୍ତି ବା ମକର ମେଳା। ଶୌଚାଳୟ ଓ ପାନୀୟ ଜଳ ମଠର ମୁଖ୍ୟ ସମସ୍ୟା ଥିଲା। ଦୂରଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ସୁବିଧା ନିମନ୍ତେ କରଦା ଗ୍ରାମର ସମାଜସେବୀ ସ୍ୱର୍ଗତ ନିତ୍ୟାନନ୍ଦ ବିଶ୍ୱାଳଙ୍କ ଦ୍ୱାରା ଜଳ ଯୋଗାଣ, ଗାଧୁଆ ଗୃହ ସହ ଶୌଚାଳୟ ନିର୍ମାଣ ସମ୍ଭବ ହୋଇପାରିଛି।

